# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ଭୋଟ ଗଣତିକୁ ଶୃଙ୍ଖଳିତ କରିବା ପାଇଁ ଭାରତର ନିର୍ବାଚନ କମିଶନ୍‌ଙ୍କର ଅଧ୍ୟକ୍ଷତାରେ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ବୈଠକ

- ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି; ଆସନ୍ତା ବୁଧବାର ଦିନ ପୁରୀଠାରେ ଏ ସମ୍ପର୍କିତ ଉଚ୍ଚସ୍ତରୀୟ ତଦନ୍ତ ବୈଠକ ହେବ

- ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବୈଠକ ଅନୁଷ୍ଠିତ

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ କାଳବୈଶାଖୀ ହେବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

## ମତଗଣନା

ସାଧାରଣ ନିର୍ବାଚନ-୨୦୨୪ ସହିତ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ବିଧାନସଭା ପାଇଁ ହୋଇଥିବା ନିର୍ବାଚନ ପାଇଁ ଭୋଟଗଣତି ଆସନ୍ତା ମଙ୍ଗଳବାର ଦିନ ସକାଳ ୮ଟାରୁ ଆରମ୍ଭ ହେବ। ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର, ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସନ୍ଧୁ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ରିଟର୍ଣ୍ଣିଂ ଅଫିସରଙ୍କ ସହ ଗଣତି ପାଇଁ ପ୍ରସ୍ତୁତିର ଆଜି ସମୀକ୍ଷା କରିଛନ୍ତି। ନିର୍ବାଚନ ଆୟୋଗ ୱେବ୍‌ସାଇଟ୍ **results.eci.gov.in** ଏବଂ ଭୋଟର୍ ହେଲ୍ପଲାଇନ୍ ଆପ୍‌ରେ ଗଣତିର ବିବରଣୀ ଏବଂ ଫଳାଫଳ ଉପଲବ୍ଧ ହେବ। ଭୋଟ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇଭିଏମ୍ ଓ ଭିଭିପାଟ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି।

## ଇଭିଏମ୍ ସୁରକ୍ଷା

ଜିଲ୍ଲାସ୍ତରରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କର ତତ୍ତ୍ୱାବଧାନରେ ଆସନ୍ତା ମଙ୍ଗଳବାର ଦିନ ଭୋଟଗଣତି ହେବ। **କେନ୍ଦ୍ରାପଡ଼ା** ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଭୋଟିଂ ମେସିନ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଦିନ ମହାବିଦ୍ୟାଳୟ ପରିସରରେ ଭୋଟଗଣତି ହେବ। **କନ୍ଧମାଳ** ଜିଲ୍ଲା ଫୁଲବାଣୀ ନିର୍ବାଚନମଣ୍ଡଳୀ ପାଇଁ ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ବୋଲି ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କନ୍ଧମାଳ ଲୋକସଭା ଆସନ ଓ ଫୁଲବାଣୀ

ବିଧାନସଭା ଆସନ ପାଇଁ ପଲିଟେକନିକଠାରେ ଭୋଟ ଗଣତି କରାଯିବ। **କୋରାପୁଟ** ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ମଙ୍ଗଳବାର ଦିନ ଭୋଟଗଣତି ଅନୁଷ୍ଠିତ ହେବ। ଜୟପୁର ଦଶହରା ପଡିଆଠାରେ ଭୋଟଗଣତିର ତଥ୍ୟ ଜାଣିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା କହିଛନ୍ତି। ଜୟପୁର ନିର୍ବାଚନମଣ୍ଡଳୀର ୨୩୮ଟି ବୁଥ୍ ପାଇଁ ୧୦ଟି ଟେବୁଲ୍ କରାଯାଇଛି। ସେହିପରି କୋଟପାଡ ନିର୍ବାଚନମଣ୍ଡଳୀ ପାଇଁ ୨୪୩ଟି ବୁଥ୍ ପାଇଁ ୧୦ଟି ଟେବୁଲ୍‌ର ବ୍ୟବସ୍ଥା ହୋଇଛି। **ଢେଙ୍କାନାଳ** ଜିଲ୍ଲାରେ ଭୋଟଗଣତି ପାଇଁ ପ୍ରତ୍ୟେକ ବୁଥ୍‌ରେ ୧୦ଟି ଲେଖାଏଁ ଟେବୁଲ୍‌ର ବ୍ୟବସ୍ଥା କରାଯାଇଛି।

ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ମୋଟ ୮୦ଟି ଟେବୁଲ୍‌ର ବ୍ୟବସ୍ଥା କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ସେହିଭଳି ଅନ୍ୟ ଜିଲ୍ଲା ଗୁଡ଼ିକରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଥିବା ଇଭିଏମ୍‌ଗୁଡ଼ିକର ଭୋଟଗଣତି ସୁଚାରୁରୂପେ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ପୁରୀ ବାଣ ବିସ୍ଫୋରଣ

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଅନ୍ୟ ୧୭ ଜଣ ଆହତ ହୋଇ ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ନରେନ୍ଦ୍ର ପୁଷ୍କରିଣୀଠାରେ ଶ୍ରୀଜୀଉଙ୍କ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ଘଟିଥିଲା।

ଦୁର୍ଘଟଣାର ତଦନ୍ତ ପାଇଁ ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶ ପରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ପୁରୀ ଜିଲାପାଳଙ୍କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ବୁଧବାର ଦିନ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାର ତଦନ୍ତ ବୈଠକ ହେବ। ସ୍ୱତନ୍ତ୍ର ରିଲଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପୁରୀ ଆସି ଏହି ଘଟଣାର ତଦନ୍ତ କରିବେ। କୌଣସି ବ୍ୟକ୍ତିବିଶେଷଙ୍କର ଘଟଣାକୁ ନେଇ ଆପତ୍ତି ଅଭିଯୋଗ ଥିଲେ ବୁଧବାର ଦିନ ଅପରାହ୍ଣ ୩ଟାରୁ ୭ଟା ମଧ୍ୟରେ ପୁରୀ ସର୍କିଟ୍ ହାଉସ୍‌ଠାରେ ମତାମତ ଦେଇପାରିବେ।

ତଦନ୍ତ ସମୟରେ ମନ୍ଦିର ପ୍ରଶାସନ, ପୁଲିସ୍ ଅଧିକ୍ଷକ, ପୁରୀ ସହକାରୀ ଅଗ୍ନିଶମ ଅଧିକାରୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ଘଟଣା ସମ୍ପର୍କରେ ଜାଣିଥିବା ଲୋକଙ୍କୁ  ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ୪ଜଣ ବାଣ ବ୍ୟବସାୟୀଙ୍କୁ  ପୁଲିସ୍ ଅଟକ ରଖି ପଚରାଉଚରା କରୁଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରାଯାଇଛି।

## ଅଗ୍ନିବୀର ତାଲିମ୍ ଅନୁଷ୍ଠାନ

ଚିଫ୍ ଅଫ୍ ଡିଫେନ୍ସ୍ ଷ୍ଟାଫ୍ ଅନୀଲ ଚୌହାନ ଆଇ.ଏନ୍.ଏସ୍. ଚିଲିକା ଗସ୍ତରେ ଆସି ଭାରତୀୟ ନୌସେନାର ଅଗ୍ନିବୀରମାନଙ୍କ ଅଗ୍ରଣୀ ତାଲିମ୍ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ଭାରତୀୟ ନୌସେନାର ଭବିଷ୍ୟତ ଗଠନ

କରିବାରେ ଆଇ.ଏନ୍.ଏସ୍. ଚିଲିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଇ.ଏନ୍.ଏସ୍ ଚିଲିକାରେ ନୌବାହିନୀର ଅଗ୍ନିବୀରମାନଙ୍କୁ ତାଲିମ୍ ଦିଆଯାଉଛି।

## ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ଜିଲ୍ଲା ପ୍ରଶାସନର ସହଯୋଗରେ ବିଭିନ୍ନ ପଡାର ଯାତ୍ରା କମିଟି ସଦସ୍ୟମାନଙ୍କ ସହିତ ଏକ ସମନ୍ୱୟ କମିଟି ବୈଠକ ହୋଇଯାଇଛି। ଝାଡୁଆପଡା ଯାତ୍ରାରେ ୨୩ ଶହ କଳାକାର ମଦୀପଡା ଏବଂ ନନ୍ଦୀପଡା ଯାତ୍ରାରେ ୨୫ ଶହ ଲେଖାଏଁ କଳାକାର ଅଂଶଗ୍ରହଣ କରିବେ ବୋଲି ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ କମିଟି ପକ୍ଷରୁ ବୈଠକରେ ସୂଚନା ଦିଆଯାଇଛି। ମୁଖ୍ୟ ଶୋଭାଯାତ୍ରାରେ ଶ୍ରୀଲଙ୍କାର କଳାକାରମାନେ ମୁଖ୍ୟ ଆକର୍ଷଣ ପାଲଟିବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଆସନ୍ତା ୬ ତାରିଖ ଦିନ ନନ୍ଦପଡା ଯାତ୍ରା କମିଟିର ପତରପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଝାଡୁଆପଡା ଏବଂ ମୋଦୀପଡାର ପତ୍ରପେଣ୍ଡି ୮ ତାରିଖ ଦିନ ହେବ ବୋଲି ଜଣାପଡିଛି। ଆସନ୍ତା ୭ ତାରିଖ ଦିନ ନନ୍ଦପଡାରେ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଥିବାବେଳେ ମୋଦୀପଡା ଓ ଝାଡୁଆପଡାରେ ୯ ତାରିଖ ଦିନ ଦେବ ନିମନ୍ତ୍ରଣ କରାଯିବା ନେଇ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି।

ଚଳିତମାସ ୧୦ ତାରିଖ ଦିନ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ, ୧୧ ତାରିଖ ଦିନ ନଗର ପରିକ୍ରମା ଏବଂ ୧୨ ତାରିଖ ଦିନ ଦେବ ଦମ୍ପତ୍ତିକଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି ।

ସୂଚନାଯୋଗ୍ୟ, ପୂର୍ବରୁ ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ନନ୍ଦପଡାର ବମ୍‌ବରାଡ ବାବା ବାଲୁକେଶ୍ୱର ଝାଡୁଆପଡାର ଲୋକନାଥ ବାବା, ମୋଦୀପଡାର ଜାଗେଶ୍ୱର ବାବାଙ୍କ ଥାଳଉଠା ପର୍ବ ସମାପନ ହୋଇଛି ।

## ଅସ୍ୱାଭାବିକ ମୃତ୍ୟୁସଂଖ୍ୟା

ରାଜ୍ୟର ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ଅସ୍ୱାଭାବିକ ମୃତ୍ୟୁସଂଖ୍ୟା ୩୧କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତକାଲି ସୁଦ୍ଧା ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ୨୮ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇସାରିଥିବାବେଳେ ଆଉ ୩ ଜଣଙ୍କ ମୃତଦେହ ଆଜି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ଆସିଛି । ତେବେ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସରକାରଙ୍କ ପକ୍ଷରୁ ଏକ ଯାଞ୍ଚ କମିଟି କରାଯାଇଛି । ତଦନ୍ତର ରିପୋର୍ଟ ମିଳିବା ପରେ ମୃତ୍ୟୁ ସମ୍ବନ୍ଧୀୟ ସମସ୍ତ ସୂଚନା ଜଣାପଡିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ବଜ୍ରାଘାତ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ପାଟପୁର ଥାନା ଗାନ୍ଧିଛକଠାରେ ଆଜି ବଜ୍ରପାତରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଏହି ଦୁଇଜଣ ଖରାରୁ ରକ୍ଷା ପାଇବା ପାଇଁ ଗୋଟିଏ ଗଛମୂଳେ

ବିଶ୍ରାମ ନେଇଥିଲେ। ହେଲେ ହଠାତ୍ କାଳବୈଶାଖୀ ବର୍ଷା ଏବଂ ଝଡ଼ ଆସିବା ଯୋଗୁଁ ବଜ୍ରପାତ ଘଟି ଦୁଇଜଣଙ୍କର ମୃତ୍ୟୁ ହୋଇଛି ବୋଲି ପାଟପୁର ଥାନା ଅଧିକାରୀଙ୍କ ସୂଚନାରୁ ଜଣାପଡିଛି।

## ସ୍ୱୟଂଚାଳିତ ଡ୍ରାଇଭିଙ୍ଗ୍ ପରୀକ୍ଷଣ

ଢେଙ୍କାନାଳ ଆଂଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱୟଂଚାଳିତ ଡ୍ରାଇଭିଙ୍ଗ୍ ପରୀକ୍ଷଣ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଏହି ବ୍ୟବସ୍ଥା ମାଧ୍ୟମରେ କ୍ୟାମେରା ଏବଂ ଭିଡିଓ ଆନାଲେଟିକ୍ସ ସିଷ୍ଟମ୍ ଜରିଆରେ ଆବେଦନକାରୀଙ୍କ ଡ୍ରାଇଭିଂ ପରୀକ୍ଷଣ ସ୍ୱଚ୍ଛତା ଓ ନିର୍ଭୁଲ୍ ଭାବେ କରାଯାଇପାରିବ। ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ୬ ପ୍ରକାରର ପରୀକ୍ଷା ସଫଳତାର ସହିତ କରିପାରିଲେ ଆବେଦନକାରୀଙ୍କୁ ଲାଇସେନ୍ସ ମିଳିପାରିବ।

## ବାହାନଗା ଦୁର୍ଘଟଣାକୁ ବର୍ଷେ

ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଗତବର୍ଷ ଆଜିର ଦିନରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ଆଜି ଏକ ବର୍ଷ ପୂରିଛି। ଦୁର୍ଘଟଣାରେ କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇ ଏକ ମାଲବାହୀ ଟ୍ରେନ୍ ସହିତ ଧକ୍କା ହୋଇଥିଲା। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଯଶୱନ୍ତପୁର-ହାଓ୍ୱଡା ଟ୍ରେନ୍‌କୁ ମଧ୍ୟ ଧକ୍କା ଦେବାରୁ ଦୁର୍ଘଟଣାଟି ଅତି ସାଂଘାତିକ ରୂପ ନେଇଥିଲା। ଦୁଘଟଣାରେ ୨୯୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ଦୁର୍ଘଟଣା ପରବର୍ତ୍ତୀ ସିବିଆଇ ତଦନ୍ତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ କାର୍ଯ୍ୟରେ ଅବହେଳା ନେଇ କେତେକ ରେଳ କର୍ମଚାରୀଙ୍କ ବିରୁଦ୍ଧରେ

ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ବାହାନଗା ରେଳ ଦୁର୍ଘଟଣା ପରେ କେନ୍ଦ୍ର ସରକାର ରେଳ ମନ୍ତ୍ରଣାଳୟ ଏବା ରାଜ୍ୟ ସରକାରଙ୍କ ପକ୍ଷରୁ ସେହି ଅଂଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପାଇଁ ପଦକ୍ଷେପ ନିଆଯାଇଛି ।

## ଅନାଦେୟ ଋଣ ଫେରସ୍ତ

୨୦୧୪ ରୁ ୨୦୨୩ ମସିହା ମଧ୍ୟରେ ଅନାଦେୟ ଋଣରୁ ୧୦ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଫେରିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ବ୍ୟାଙ୍କିଂ କ୍ଷେତ୍ରରେ ବିଭିନ୍ନ ସୁଧାର ଓ ଉନ୍ନତ ଶାସନ ମାଧ୍ୟମରେ ଏହି ଟଙ୍କା ଫେରସ୍ତ ଆସିପାରିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୧ ହଜାର ୧୦୫ଟି ବ୍ୟାଙ୍କ୍ ଠକେଇ ମାମଲାର ଯାଞ୍ଚ କରି ଅପରାଧିଙ୍କଠାରୁ ୬୪ ହଜାର ୯୨୦ କୋଟି ଟଙ୍କା ଜବତ କରିଥିଲା । ୨୦୨୩ ଡିସେମ୍ବର ମଧ୍ୟରେ ଜାତୀୟକରଣ ହୋଇଥିବା ବ୍ୟାଙ୍କଗୁଡ଼ିକୁ ୧୫ ହଜାର ୧୮୩ କୋଟି ଟଙ୍କା ଫେରାଯାଇଥିଲା । ଭାରତୀୟ ବ୍ୟାଙ୍କିଂ କ୍ଷେତ୍ର ଇତିମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିବା ସହିତ ଏହାର ଲାଭ ପରିମାଣ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବା ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି । ସରକାରଙ୍କର ୪-ଆର୍ ସୂତ୍ର ଋଣନୀତି ଦ୍ୱାରା ଋଣ ଆଦାୟ ତ୍ୱରାନ୍ୱିତ କରାଯାଇପାରିଛି ବୋଲି ସେ କହିଛନ୍ତି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର ବିଭିନ୍ନ ସ୍ଥାନରେ ପ୍ରବେଶ କରିସାରିଛି । ତେବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ୩ ଦିନ ପର୍ଯ୍ୟନ୍ତ ଓଡ଼ିଶାର ପଶ୍ଚିମାଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିବା ନେଇ ସତର୍କ ସୂଚନା ଜାରି

କରାଯାଇଛି । ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*********************************